୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.226 Bhubaneswar Saturday October 19 2024 | ୨୬ତମ ବର୍ଷ ସଂଖ୍ୟା–୨୨୬ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୯, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଚର୍ଚ୍ଚାରେ ବବି-ମାନସଙ୍କ ନୂଆ କମ୍ପାନୀ: ସୁରକ୍ଷିତ ଅଛି ତ ବିଜେଡି ପାଣ୍ଠି, ଆଶଙ୍କାରେ ନେତା

ଭୁବନେଶ୍ୱର,୧୮।୧୦(ପି.ଏନ): ବିଜେଡିର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଦିନକୁ ଦିନ ବେଲଗାମ୍ ଓ ଉଗ୍ର ହେବାରେ ଲାଗିଛି । ଆଉ ଏହି ଦଳୀୟ କନ୍ଦଳ ଭିତରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ 'ଆତ୍ମଘୋଷିତ କ୍ରୀତଦାସ' ପ୍ରଣବପ୍ରକାଶ ଦାସ(ବବି) ଓ ମାନସ ରଞ୍ଜନ ମଙ୍ଗରାଜଙ୍କ ମାଲିକାନାରେ ଜନ୍ମ ନେଇଛି ଏକ ନୂଆ କମ୍ପାନୀ । ମାତ୍ର ୧୫ଦିନ ତଳେ କଟକସ୍ଥିତ ରେଜିଷ୍ଟ୍ରାର ଅଫ୍ କମ୍ପାନୀ(ଆରଓସି)ଙ୍କ ପାଖରେ ଏହି ପ୍ରାଇଭେଟ୍ କମ୍ପାନୀ ପଞ୍ଜିକୃତ ହେବାପରେ ବିଜେଡିର ଦଳୀୟ ପାଣ୍ଠିକୁ ସ୍ଥାନାନ୍ତର ପାଇଁ ଷଡଯନ୍ତ୍ର ଚାଲିଥିବା ଚର୍ଚ୍ଚା ଜୋର ଧରିଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅପାରଗତା ଓ ହୀନମନ୍ୟତା ଯୋଗୁ ନିର୍ବାଚନୀ ବିପର୍ଯ୍ୟୟ ପରେ ମଧ ଦଳୀୟ ସଂଗଠନର ନିୟନ୍ତ୍ରଣ ପୂର୍ବଭଳି ପାଣ୍ଡିଆନ ଓ ତାଙ୍କ ସହଯୋଗୀଙ୍କ ହାତରେ ରହିଥିବାରୁ ବିଜେଡି





ନେତାମାନେ ଦଳୀୟ ପାଣ୍ଠିର ସୁରକ୍ଷାକୁ ନେଇ ସନ୍ଦେହ ଓ ଆଶଙ୍କା ମଧ୍ୟରେ ରହିଥିବା ଜଣାପଡୁଛି ।ବିଜେଡି ଶାସନକାଳରେ ପାଣ୍ଡିଆନ ଓ ତାଙ୍କ ଖାସ୍ ସହଯୋଗୀ ଆଇପିଏସ୍ ଡିଏସ୍ କୁଟ୍ଟେଙ୍କ ଛତ୍ରଛାୟାରେ ରହି ଉଭୟ ବବି ଓ ମାନସ ନିଜ ନିଜର ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିଥିବା ଚର୍ଚ୍ଚା ହୁଏ । ବବି ନିଜ ଭାଇ,ଦାଦା ଓ ପରିବାର ସଦସ୍ୟଙ୍କ ସମେତ କିଛି କର୍ମଚାରୀଙ୍କ ନାଁରେ ପୁଳାପୁଳା କମ୍ପାନୀ ଖୋଲି କୋଟିକୋଟି ଟଙ୍କା ଉପାର୍ଜନ କରିଥିବାବେଳେ ମାନସ ମଧ ମାତ୍ର ୫-୭ବର୍ଷ ମଧ୍ୟରେ ବହୁ କୋଟି ଟଙ୍କାର ମାଲିକ ହୋଇପାରିଛନ୍ତି । ତେବେ ବିଜେଡି ସରକାରରେ ଏହି ଦୁଇ ତଥାକଥିତ ନେତା ନିଜ ଓ ପରିବାରର ସଦସ୍ୟମାନଙ୍କ ମାଲିକାନାରେ ଥିବା କମ୍ପାନୀଗୁଡିକ ମାଧ୍ୟମରେ କୋଟିକୋଟି ଟଙ୍କାର ମାଲିକ ହୋଇଥିଲେ ମଧ ଉଭୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଆନୁଷ୍ଠାନିକ ଭାବେ କାଗଜପତ୍ରରେ ଏକାଠି କୌଣସି କମ୍ପାନୀରେ ଭାଗିଦାର ହୋଇନଥିଲେ ।କିନ୍ତୁ ଆଶ୍ଚର୍ଯ୍ୟର କଥା, ବିଜେଡି ଶାସନର ପତନ ପରେ ଓ ଆଭ୍ୟନ୍ତରୀଣ କନ୍ଦଳ ଚରମସୀମାରେ ପହଂଚିଥିବା ବେଳେ ଉଭୟ ମାନସ ଓ ବବିଙ୍କ ମିଳିତ ମାଲିକାନାରେ ମାତ୍ର ୧୫ଦିନ ତଳେ ଅର୍ଥାତ୍ ଅକ୍ଟୋବର ୩ତାରିଖରେ ଏକ ନୂଆ କମ୍ପାନୀ ଗଠନ ହୋଇଛି । ଏହି କମ୍ପାନୀରେ ପରିଚାଳନା ନିର୍ଦ୍ଦେଶକ ଭାବେ ମାନସ ଥିବାବେଳେ ନିର୍ଦ୍ଦେଶକ ଅଛନ୍ତି ବବିଙ୍କ ଭାଇ ସୌମ୍ୟପ୍ରକାଶ ଦାସ । ୧ଲକ୍ଷ ଟଙ୍କାର ପେଡ୍ କ୍ୟାପିଟାଲ ଓ ୧୫ଲକ୍ଷ ଟଙ୍କାର ଅଥରାଇଜଡ୍ ଶେୟାର କ୍ୟାପିଟାଲରେ ଏହି କମ୍ପାନୀ ଖୋଲାଯାଇଛି । ଆଉ କମ୍ପାନୀର ନାଁ 'ଚତୁର୍ଥୀ ଫାଉଣ୍ଡେସନ' ରଖାଯାଇଛି ଓ ଏହାର ଠିକଣା ମାନସଙ୍କ କଳିଙ୍ଗନଗରସ୍ଥିତ ଘରର ଠିକଣା ରହିଛି । କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ରେକର୍ଡରେ ଏହି କମ୍ପାନୀ 'ଆବାସିକ ସୁବିଧା ବିନା ସାମାଜିକ କାର୍ଯ୍ୟ' ଆଦିର ଗତିବିଧି କରିବ ବୋଲି ଉଲ୍ଲେଖ ରହିଛି ।

## ଶ୍ରୀମନ୍ଦିର ପାର୍ଶ୍ୱରେ ବରିଷ୍ଠ ସେବାୟତଙ୍କୁ ଭୁଜାଲିରେ ଆକ୍ରମଣ



ଭୁବନେଶ୍ୱର,୧୮।୧୦(ପିଏନ):ଶ୍ରୀମନ୍ଦିର ସେବାୟତଙ୍କୁ ଭୁଜାଲିରେ ଆକ୍ରମଣ। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ତାଙ୍କୁ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ତାଙ୍କୁ ଆକ୍ରମଣ କରିଛି, ତାହା ଜଣାପଡି ନାହିଁ।ଆଜି ସନ୍ଧ୍ୟା ବେଳେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଥିବା ପୋଲିସ୍ ଗାଡି ପାର୍ଶ୍ୱରୁ ଗାଡି କାଢୁଥିଲେ ବରିଷ୍ଠ ସେବାୟତ ତଥା ସିନିଅର ସୁପରଭାଇଜର ବଳି ରାମଚନ୍ଦ୍ର ପ୍ରତିହାରୀ। ଠିକ୍ ସେତିକି ବେଳେ କିଛି ଦୁର୍ବୃତ୍ତ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଯେଉଁଥିପାଇଁ ତାଙ୍କ ହାତର ମଣି ବନ୍ଧ ଓ କହୁଣୀରେ ଗଭୀର କ୍ଷତ ହୋଇଛି। ଏହାଛଡା ଶରୀର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଅନ୍ୟ ସେବାୟତ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତେବେ କିଏ ଓ କେଉଁ କାରଣରୁ ତାଙ୍କ ଆକ୍ରମଣ କରିଛନ୍ତି, ତାହା ଜଣାପଡି ନାହିଁ।

## ଖାନ୍‌ନଗରରେ ଭୁଷୁଡିଲା ମା'ଙ୍କ ତୋରଣ, ଚାପି ହୋଇଗଲା ୩ଟି କାର

କଟକ,୧୮।୧୦(ପି.ଏନ): ଶେଷ ହୋଇଛି ମା' ଦୁର୍ଗାଙ୍କ ଦଶହରା ପର୍ବ । ବର୍ତ୍ତମାନ କଟକ ଖାନ୍‌ନଗରରେ ମା' ଙ୍କ ତୋରଣ ଭୁଷୁଡିପଡିଥିବା ଖବର ସାମ୍ନାକୁ ଆସିଛି । ନେତାଜୀ ବସ୍ ଟର୍ମିନାଲ ନିକଟରେ ମା' ଦଶଭୂଜାଙ୍କ ନିର୍ମିତ ସୁଉଚ୍ଚ ତୋରଣ ଭୁଶୁଡି ପଡିଛି । ଫଳରେ ଗୋଟିଏ କାର ଓ ୩ଟି ବାଇକ୍ ଚାପି ହୋଇଯାଇଥିବା ସୂଚନା ମିଳିଛି ।ନିକଟରେ ରସୁଲଗଡ ସ୍ଥିତ ଦୁର୍ଗା ପୂଜା ମଣ୍ଡପର ଲାଇଟ୍ ଗେଟ୍ ପ୍ରବଳ ବର୍ଷା ଓ ପବନ ଯୋଗୁଁ ଭୁଶୁଡି ପଡିଥିଲା । କହିରଖୁଛୁ ଏହି ଲାଇଟ୍ ଗେଟର ଉଚ୍ଚତା ପ୍ରାୟ ୩୦ ଫୁଟ୍ ଥିଲା । ଏଥିରେ ଅନେକ ଡେକୋରେସନ୍ ସାମଗ୍ରୀ ନଷ୍ଟ ହୋଇଥିବାବେଳେ କୌଣସି ଜୀବନ ହାନି ହୋଇନଥିଲା । ତେବେ ଖାନ୍‌ନଗରରେ ମା' ଦୁର୍ଗାଙ୍କ ତୋରଣ ଭୁଶୁଡିପଡିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତ?ଜନା ଦେଖାଦେଇଛି । ଏହି ଦୁର୍ଘଟଣାରେ କେହି ମୃତାହତ ହୋଇଥିବା ଖବର ସାମ୍ନାକୁ ଆସିନି ।

## ସମସ୍ତଙ୍କ ରହିବା ବ୍ୟବସ୍ଥା ହେବ, ଅଣପଞ୍ଜିକୃତ ହବିଷ୍ୟାଳିଙ୍କୁ ଜିଲ୍ଲାପାଳଙ୍କ ଆଶ୍ୱାସନ

ପୁରୀ,୧୮।୧୦(ପି.ଏନ): ଦୁଇ ଦିନ ପୁରୀରେ କାର୍ତ୍ତିକ ବ୍ରତ ପାଇଁ ଆସିଥିବା ବିନା ପଞ୍ଜିକୃତ ହବିଷ୍ୟାଳି ବହୁ ହଇରାଣ ହେବା ପରେ ସାମ୍ନାକୁ ଆସିଛନ୍ତି ବିଧାୟକ ଜୟନ୍ତ ଷଡଙ୍ଗୀ। ଘଣ୍ଟାଏ ଭିତରେ ହିଁ ହବିଷ୍ୟାଳିଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକଙ୍କ ପ୍ରତିଶ୍ରୁତି ପରେ ଅସନ୍ତୁଷ୍ଟ ହବିଷ୍ୟାଳିଙ୍କ ମଧ୍ୟରେ ଆଶାର କରିଣ ଦେଖିବାକୁ ମିଳିଛି । ସେମାନେ ସୁଖ ଶାନ୍ତିରେ ବ୍ରତ କରିବାକୁ ସମର୍ଥ ହେବେ ବୋଲି ଆଶା କରୁଛନ୍ତି ।କାଲିଠାରୁ ଧାରଣାରେ ବସିଥିବା ହବିଷ୍ୟାଳିଙ୍କ ମଧ୍ୟରେ ଜଣେ ଅଚେତ ହେବା ପରେ ହବିଷ୍ୟାଳିଙ୍କ ମଧ୍ୟରେ ଉତ୍ତ?ଜନା ପ୍ରକାଶ ପାଇଥିଲା । ଖବର ପାଇ ବିଜେପି ବିଧାୟକ ଏନେଇ ପ୍ରଶାସନ ସହ ଆଲୋଚନା କରିସେମାନଙ୍କ ରହିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ରାଜଧାନୀରେ ଭରତପୁର ଘଟଣାର ପୁନରାବୃତ୍ତି, କୋଷ୍ଟଗାର୍ଡ ଅଧିକାରୀଙ୍କ ପରିବାରକୁ ମଦ୍ୟପଙ୍କ

ଭୁବନେଶ୍ୱର,୧୮।୧୦(ପି.ଏନ): ରାଜଧାନୀରେ ଥମୁନି ମଦ୍ୟପଙ୍କ ଉତ୍ପାତ । ପୁଣି ରାସ୍ତାରେ ମଦ୍ୟପ ଜଣେ ସୁରକ୍ଷା ଅଧିକାରୀଙ୍କ ସହ କଲେ ଦୁର୍ବ୍ୟବହାର । ନିଛାଟିଆ ରାସ୍ତାରେ ଗାଡି ଗାଡି ଅଟକାଇ ଅଧିକାରୀ ଓ ତାଙ୍କ ପତ୍ନୀଙ୍କ ପ୍ରତି ଖରାପ ଆଚରଣ କରିଥିବା ନେଇ ହେଲା ଅଭିଯୋଗ । ପୋଲିସ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଉଭୟଙ୍କ ଘର ଜଗତସିଂହପୁର ବାଲିକୁଦାରେ ହୋଇଥିବା ସୂଚନା ।ଗତ ରାତିରେ ଜଣେ କୋଷ୍ଟଗାର୍ଡ ଡ଼ିଆଇଜି ଓ ତାଙ୍କ ପତ୍ନୀଙ୍କୁ ନୟାପଲ୍ଲୀ ଥାନା ଅନ୍ତର୍ଗତ କଳିଙ୍ଗ ଷ୍ଟାଡିୟମ ଛକ ନିକଟରେ ଦୁର୍ବ୍ୟବହାର କରିଥିବା ନୟାପଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ରାତି



ପ୍ରାୟ ୯ ଟା ୧୫ ସମୟରେ ଡିଆଇଜି ତାଙ୍କ ପତ୍ନୀଙ୍କ ସହ କାରରେ ବେହେରା ସାହି ପଟକୁ ଯାଉଥିଲେ । ସେହି ସମୟରେ ଏକ ସ୍କୁଟି କାର ଆଗରେ ହଠାତ ଅଟକିଥିଲା । ଅତ୍ୟଧିକ ମଦ୍ୟପାନ କରିଥିବା ଦୁଇ ଯୁବକ କାରକୁ ଅଟକାଇବା ସହ ଡ଼ିଆଇଜି ଓ ତାଙ୍କ ପତ୍ନୀଙ୍କୁ ଦୁର୍ବ୍ୟବହାର ଓ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲେ । ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏ ନେଇ ନୟାପଲ୍ଲୀ ଥାନାରେ ଡ଼ିଆଇଜି ଅଭିଯୋଗ କରିଥିଲେ । ଡିଆଇଜିଙ୍କ ସହ ଥାନାକୁ ଅନ୍ୟ କୋଷ୍ଟଗାର୍ଡ କର୍ମଚାରୀ ମଧ ଯାଇଥିଲେ । ତେବେ ପୋଲିସ ଘଟଣାକୁ ଗୁରୁତର ନେବା ସହ ତଦନ୍ତ ଆରମ୍ଭ କରିଥିଲା । ଖବର ପାଇ ବିଳମ୍ବିତ ରାତିରେ ପୋଲିସ କମିଶନର ଦେବଦତ୍ତ ସିଂହ ଥାନାକୁ ଗସ୍ତ କରିବା ସହ ପୁରା ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଘଟଣା ଘଟାଇଥିବା ଦୁଇ ମଦ୍ୟପଙ୍କୁ ପୋଲିସ ଅଟକ ରଖିବା ସହ ତଦନ୍ତ କରିଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପାଇଁ କିପରି କରିବେ ପଞ୍ଜିକରଣ

ଭୁବନେଶ୍ୱର,୧୮।୧୦(ପି.ଏନ): ଅକ୍ଟୋବର ୨୧ ଏବଂ ୨୮ ଦୁଇ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲା ରହିବ। ଏଠାରେ ମୁଖ୍ୟମନ୍ତ୍ରୀ ସିଧାସଳଖ ୧୦୦୦ ପଞ୍ଜିକୃତ ଆବେଦନକାରୀଙ୍କ ଅଭିଯୋଗ ଶୁଣାଣି କରି ତାହାକୁ ସମାଧାନ କରିବା ଲାଗି ଚେଷ୍ଟା କରିବେ। ଆଗ୍ରହୀ ଆବେଦନକାରୀ ଆଜି ସକାଳ ୧୧ଟାରୁ ଅନ୍‌ଲାଇନରେ ପଞ୍ଜିକରଣ କରିପାରିବେ ବୋଲି ସରକାରୀ ବାର୍ତ୍ତାରେ କୁହାଯାଇଛି। www.janasunani.odisha.gov.in ପୋର୍ଟାଲରେ ଏଥିନେଇ ଆବେଦନ କରିପାରିବେ। ତେବେ, ଆସନ୍ତୁ ଜାଣିବା ଅନଲାଇନ୍ ରେ କେମିତି କରିବେ ଆବେଦନ୍? ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ ଆବେଦନ କରିବାକୁ ଚାହୁଁଛନ୍ତି । ସେମାନେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା www.janasunani.odisha.gov.in ର ପ୍ରଥମେ ସାଇଟ୍ କୁ ଭିଜିଟ୍ କରନ୍ତୁ। ପେଜ୍ ଖୋଲିବା ପରେ ତିନୋଟି ଅପସନ୍ ଆସିବ। ଯେଉଁଠାରେ ଲେଖାଥିବ ପଞ୍ଜିକୃତ ବ୍ୟବହାରକାରୀଙ୍କ ଲଗଇନ୍, ନୂଆ ବ୍ୟବହାରକାରୀଙ୍କ ସାଇନ୍ ଅପ୍, ସ୍କିପ୍ ଲଗଇନ୍' ବିକଳ୍ପରେ କ୍ଲିକ୍ କରି ବିନା ଲଗଇନ୍ କରି ଅଭିଯୋଗ ପଞ୍ଜିକରଣ କରନ୍ତୁ ।ଯଦି ଆପଣ ଜଣେ ନୂଆ ଭାବରେ ପ୍ରଥମ କରି ଏହି ସାଇଟ୍ ଲଗ୍ ଇନ୍ କରୁଥିବେ। ତେବେ, ଆପଣ ପ୍ରଥମେ ଦିଆଯାଇଥିବା (ପଞ୍ଜିକୃତ ବ୍ୟବହାରକାରୀଙ୍କଲଗଇନ୍) ରେ କ୍ଲିକ୍ କରନ୍ତୁ। ମୋବାଇଲ୍ ନମ୍ବର କିମ୍ବା ଇମେଲ୍ ଆଇଡି ଦେଇ ଲଗିନ୍ କରିବେ। ଯଦି ଆପଣ ଇମେଲ୍ ଆଇଡ଼ି ଦେଇ ଲଗଇନ୍ କରିବେ। ତେବେ, ପାସୱାର୍ଡ଼ ଦେବାକୁ ପଡିବ। ପରେ ସେମାନେ ପୋର୍ଟାଲରେ ଦିଆଯାଇଥିବା ସାରଣୀ ଅନୁସାରେ ଆଗକୁ ବଢିବେ।

## ଆଜି ଓ ଆସନ୍ତାକାଲି ହେବ ପ୍ରବଳ ବର୍ଷା; ୧୪ ଜିଲ୍ଲାକୁ ପାଣିପାଗ ବିଭାଗର ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୮।୧୦(ପି.ଏନ): ବର୍ଷା ନେଇ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆଜି ଓ ଆସନ୍ତାକାଲି ପାଇଁ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ବର୍ଷା ହେବାର ରହୁଛି ସବୁଠୁ ଅଧିକ ସମ୍ଭାବନା ।ରାଜ୍ୟରୁ ବିଦାୟ ନେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଆଗାମୀ ଦୁଇଦିନ ଭିତରେ ଓଡିଶାର କିଛି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସେହିପରି ଦେଖିବାକୁ ଗଲେ ଗତକାଲି ଅପରାହ୍ଣରେ ରାଜଧାନୀ ଭୁବନେଶ୍ୱରରେ ଖରା ସାଙ୍ଗକୁ ବର୍ଷା ହୋଇଥିଲା । ହଠାତ୍ ଅକାଶରେ କଳା ବାଦଲ ଆସିଥିଲା ଆଉ ବର୍ଷା ହୋଇଥିଲା । ହେଲେ ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ଏକା ସାଙ୍ଗରେ ଖରା-ବର୍ଷା ହେଉଥିଲା ।କିଛି ସମୟ ପାଇଁ ଲୋକ ଭାବିଲେ ସଙ୍ଗେ ସଙ୍ଗେ ବର୍ଷା ଛାଡ଼ିଯିବ । ହେଲେ ଅନେକ ସମୟ ଧରି ଏପରି ଖରା-ବର୍ଷା ହୋଇଥିଲା । ଯେଉଥି ପାଇଁ ଯିବା ଆସିବାରେ ବହୁତ ସମସ୍ୟା ଦେଖା ଦେଇଥିଲା । ବିଭିନ୍ନ ସ୍ଥାନରେ ବାଇକ୍ ଚାଳକ ଅପେକ୍ଷା କରିଥିଲେ । ସେପଟେ କିନ୍ତୁ ପୁରା ଭୁବନେଶ୍ୱର ସହରଟାକୁ ଭିଜୋଉଥିଲା ବର୍ଷା । ବହୁତ ଲୋକ ଭ୍ରମରେ ରହିଥିଲେ। ଏପରି ଜାଗତିକ ଘଟଣାକୁ ନେଇ ବିଭିନ୍ନ ପ୍ରତିକ୍ରିୟା ରଖିଛନ୍ତି ରାଜଧାନୀବାସୀ।

## ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କୁ ସବୁ ସୁବିଧା ମିଳିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୧୦(ପି.ଏନ): ଧର୍ମର ମାସ କାର୍ତ୍ତିକରେ ବ୍ରତ ପାଳିବାକୁ ଶ୍ରୀକ୍ଷେତ୍ର ଆସି ଦହଗଞ୍ଜ ହେଉଥିଲେ ହବିଷ୍ୟାଳି। ରହଣୀକୁ ନେଇ ଦେଖାଦେଇଥିଲା ବିବାଦ। ମୁଣ୍ଡ ଗୁଞ୍ଜିବାକୁ ଜାଗା ନପାଇ ହବିଷ୍ୟାଳିମାନେ ବୃନ୍ଦାବତୀ ନିବାସ ଆଗରେ ଧାରଣାରେ ବସିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘଟଣାରେ ହସ୍ତକ୍ଷେପ କରିଥିଲେ। ସେ ବ୍ୟକ୍ତିଗତ ଭାବେ ବିଭାଗୀୟ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ହବିଷ୍ୟାଳିଙ୍କ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ଧର୍ମର ମାସ କାର୍ତ୍ତିକରେ ବ୍ରତ ପାଳିବାକୁ ଶ୍ରୀକ୍ଷେତ୍ର ଆସି ଦହଗଞ୍ଜ ହେଉଥିଲେ ହବିଷ୍ୟାଳି। ରହଣୀକୁ ନେଇ ଦେଖାଦେଇଥିଲା ବିବାଦ। ମୁଣ୍ଡ ଗୁଞ୍ଜିବାକୁ ଜାଗା ନପାଇ ହବିଷ୍ୟାଳିମାନେ ବୃନ୍ଦାବତୀ ନିବାସ ଆଗରେ ଧାରଣାରେ ବସିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘଟଣାରେ ହସ୍ତକ୍ଷେପ କରିଥିଲେ। ସେ ବ୍ୟକ୍ତିଗତ ଭାବେ ବିଭାଗୀୟ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ହବିଷ୍ୟାଳିଙ୍କ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ବଲାଙ୍ଗୀରରେ ଶିଶୁ ବଳି ଅଭିଯୋଗ, ପୋଲିସ କରୁଛି ତଦନ୍ତ

ବଲାଙ୍ଗୀର, ୧୮।୧୦(ପି.ଏନ): ବଲାଙ୍ଗୀରରେ ବଳି ଅଭିଯୋଗ । ନାବାଳକକୁ କେହି ବଳି ଦେଇଥିବା ପରିବାର ପକ୍ଷରୁ ହୋଇଛି ସଂଗୀନ ଅଭିଯୋଗ । ଗତକାଲି ନିଖୋଜ ଥିବା ନାବାଳକର ମୃତ ଦେହ ଆଜି ଝଲିଆଲିଟି ପାହାଡ ଉପରେ ଠାବ କରିଛି ପୋଲିସ୍। ମୃତକ ନାବାଳକ ଜଣକ ହେଲେ ଲାଠୋର ଥାନା ଜଳପାଙ୍କଲ ଗାଁର ସମୋନାଥ ବେମାଲ। ସୋମନାଥଙ୍କୁ ବଳି ଦେଇ ମାରି ଦେଇଥିବା ପରିବାର ଲୋକ ଗଣମାଧ୍ୟମ ଆଗରେ କରିଛନ୍ତି ଅଭିଯୋଗ ।ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅଧୀନ ଜଳପାଙ୍କଲ ଗ୍ରାମର ନାବାଳକ ସୋମନାଥ ବେମାଲ ଗତ କାଲି





ଅପରାହ୍ନରୁ କୁଆଡେ ଚାଲି ଯାଇଥିଲେ । ପରିବାର ବହୁତ ଓ ଗ୍ରାମବାସୀ ବହୁତ ଖୋଜା ଖୋଜି କଲା ପରେ ନିରାଶ ହୋଇ ଶେଷରେ ଲଠୋର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ରାତି ସାରା ପିଲାଟିକୁ ଖୋଜି ଖୋଜି ପାଇ ନ ଥିବା ବେଳେ ଆଜି ସକାଳୁ ଖବର ପାଇ ନିକଟସ୍ଥ ଗ୍ରାମ ଝଲିଆଲିଟି ପାହାଡ଼ ରୁ ମୃତ ଦେହ ଜବତ କରିଛି ।ଏନେଇ ପରିବାର ଲୋକେ ଏହା କେଉଁ ଖଳ ପ୍ରକୃତିର ଲୋକ ଗୁଣି ଗାରେଡି କରିବାକୁ ପୁଅକୁ ବଳି ଦେଇ ହତ୍ୟା କରିଥିବା ସନ୍ଦେହ କରିଛନ୍ତି । ପୋଲିସ ନିଖୋଜ ନାବାଳକାର ଶବ ଉଦ୍ଧାର କରି ଥିବା ବେଳେ ଘଟଣାସ୍ଥଳରେ ସାଇନଟିଫିକ ଦଳ ପହଞ୍ଚି ତଦନ୍ତରେ ସାମିଲ ହୋଇଛି ବୋଲି ଲାଠୋର ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

## ଘରୋଇ ହସ୍ପିଟାଲରେ ଅଙ୍ଗ ଚୋରି ଅଭିଯୋଗ, ପୋଲିସ ଚଳାଇଛି ତଦନ୍ତ

ଭୁବନେଶ୍ୱର,୧୮।୧୦(ପି.ଏନ): କଟକର ଘରୋଇ ହସ୍ପିଟାଲ ବିରୋଧରେ ଅଙ୍ଗ ତସ୍କରୀ ଅଭିଯୋଗ । କନ୍ଧମାଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହକୁ ?ଇ ପରିବାର ବର୍ଗଙ୍କ ମଧ୍ୟରେ ସନ୍ଦେହ ଦେଖାଦେଇଥିଲା । ବ୍ୟକ୍ତିଙ୍କ ମୁଣ୍ଡ ଦୁର୍ଘଟଣାରେ ଫାଟିଥିବା ବେଳେ ପେଟରେ ଅପରେସନ ହେବାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଆଜି ପୋଲିସ ମୃତଦେହର ବ୍ୟବଚ୍ଛେଦ କରିବା ସହ କଟକରେ ପହଞ୍ଚି ସେହି ହସ୍ପିଟାଲରେ ତଦନ୍ତ କରୁଛି ।କନ୍ଧମାଳ ବାଲିଗୁଡା ଥାନା ଅଧୀନ ସୁଡ୍ରା ପଞ୍ଚାୟତ ଟିକରବାଜୁ ଗାଁର ବାବୁଲା ଦିଗଲ ଗତ ୧୩ ତାରିଖରେ ଝିଅ ଘରକୁ ଏକ ବାଇକରେ ଯାଉଥିଲେ ଉଡଙ୍ଗ ନିକଟରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତୁମୁଡ଼ିବନ୍ଧ ,ବାଲିଗୁଡ଼ା ଓ ଫୁଲବାଣୀହସ୍ପିଟାଲ କୁ ରେଫର ହୋଇ ତା ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ କୁ ରେଫର ହୋଇ ଥିଲେ । ଭୁବନେଶ୍ୱର ଏମ୍ସ ଆଣିବା ବାଟରେ କୌଣସି କାରଣ ନେଇ ପରିବାର ତାଙ୍କୁ କଟକର ରୁଦ୍ର ହସ୍ପିଟାଲରେ ଆଡମିଟ କରିଥିଲେ । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅପରେସନ ହେବା ଜରୁରି କହିଥିଲେ ଡାକ୍ତର । ଅପରେସନ ମଧ ହୋଇଥିଲା । ଅପରେସନ ପରେ ବାବୁଲାଙ୍କ ଅବସ୍ଥା ଭଲ ଅଛି ବୋଲି ଡାକ୍ତର କହିଥିଲେ । ପରେ ତାଙ୍କ ମୃତଦେହ ପରିବାର ଲୋକଙ୍କୁ ଟେକିଦେଇଥିଲେ ।ପରିବାର ଲୋକେ ଘରକୁ ଫେରିଥିଲେ । କିନ୍ତୁ ଘରେ ମୃତଦେହ ଦେଖି ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ବାବୁଲାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କ ପେଟ କଟାଯାଇଥିବା ଘରଲୋକେ ଦେଖିବାକୁ ପାଇଥିଲେ । ହସ୍ପିଟାଲରେ ଅଙ୍ଗ ତସ୍କରୀ ହେଉଥିବା ନେଇ ବାଲିଗୁଡା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ତଦନ୍ତ ପାଇଁ ହସ୍ପିଟାଲରେ ପହଞ୍ଚିଛି।

## ଜାମିନ ମିଳିବା ପରେ ଜେଲରୁ ବାହାରିଲେ ଆପ୍ ନେତା ସତ୍ୟେନ୍ଦ୍ର ଜୈନ

ଭୁବନେଶ୍ୱର,୧୮।୧୦(ପି.ଏନ): ଦୀର୍ଘ ୨ ବର୍ଷରୁ ଅଧିକ ଜେଲରେ ରହିବା ପରେ ଆଜି ମୁକୁଳିଛନ୍ତି ଆପ୍‌ର ବରିଷ୍ଠ ନେତା ତଥା ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ। ଆଜି ମଧ୍ୟାହ୍ନରେ ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ଏହାପରେ ଅର୍ଥାତ ବିଳମ୍ବିତ ସନ୍ଧ୍ୟାରେ ସେ ତିହାର ଜେଲରୁ ବାହାରିଛନ୍ତି ।ସେ ଜେଲରୁ ବାହାରି ବେଳେ ତାଙ୍କୁ ସ୍ୱାଗତ କରିବା



ପାଇଁ ନିଜେ ମୁଖ୍ୟମନ୍ତ୍ରୀ ଆତିଶୀ ସେଠାରେ ପହଞ୍ଚିଥିଲେ। ଜେଲରୁ ବାହାରି ସେ ଥଟା କରି ଆଗକୁ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ମଧ ଜେଲ ଯିବାକୁ ପଡିପାରେ ବୋଲି କହିଥିଲେ। ଆତିଶୀଙ୍କ ସହ ବରିଷ୍ଠ ନେତା ସଞ୍ଜୟ ସିଂହ ଓ ମନୀଷ ସିସୋଦିଆ ମଧ ଉପସ୍ଥିତ ଥିଲେ।








# ଟି ଟାଇମ୍

## ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ। ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି। ବୈଦିକ ଭାଷାରେ - ‘ଅଗ୍ନୀ ମିଳେ ପୁରୋହିତଂ’ ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା। ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି। କେବଳ ଗାଁରେ ନୁହେଁ ସହରରେ ମଧ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ। ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି। ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ। କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି।

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି। ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା। ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ। ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି। ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା। ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା’ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା। ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ ମିଳିଥିବା ଜଣାପଡିଛି।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟିହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭ୍ଳି ଉପକରଣ ତିଆରି ହୋଇଥିଲେ ମଧ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସିହିତ ଜଡ଼ଇତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ । ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ରେଡ଼ଉଡ୍ ଲାୟନ୍



ଚାଇନ୍, ଉହାନ୍‌ରେ ଥିା ଫର୍ଚ୍ୟୁନ ପ୍ଲାଜା ଟାଇମ୍ସ ସ୍କୋୟାର ମୁଖ୍ୟ ଆକର୍ଷଣ ହେଉଛି ରେଡ଼ଉଡ଼ ଲାୟନ୍(ସିଂହ) । ଏହି ବୃହଦାକାର ସିଂହ ହୁଦେଇ ସହରର ଲ୍ୟାଣ୍ଡମାର୍କ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଉକ୍ତ ସ୍ଥାପତ୍ୟକୁ ଗୋଟିଏ ବିଶାଳ ଗଛର ଗଣ୍ଡିରୁ ପ୍ରସ୍ତୁତ କରାଯାଇଛି । ଆଉ ଏହାକୁ ପ୍ରସ୍ତୁତ କରିବା ପାଇଁ ମ୍ୟାନ୍‌ମ୍ୟାରର ୨୦ ଜଣ ସ୍ଥପତିଙ୍କୁ ପ୍ରାୟ ତିନି ବର୍ଷ ସମୟ ଲାଗିଥିଲା । ୧୪.୫ ମିଟର ଲମ୍ବା, ୫ ମିଟର ଉଚ୍ଚତା ଓ ୪ ମିଟର ଓସାର ବିଶିଷ୍ଟ ଏହି ସିଂହ ତାର ବୃହତ ଆକାର ପାଇଁ ଗିନିଜ୍ ରେକର୍ଡ଼ ମଧ କରିଛି ।

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ



ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି। ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ। ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ। ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି। ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର। ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ। ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ। ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି। ଏଡି ମାମଲାରେ ପିଲାଟିର ମା’ କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ। ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

# ଚଷମାରେ ସୂକ୍ଷ୍ମ କ୍ୟାମେରା



ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର। ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ। ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ। ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ। ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ। ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ। ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ। ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି।

# ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତ୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଷେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲେ ବ୍ଲଡ୍‌ପ୍ରେସର ରୋଗୀ ମଧ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




# ସୂର୍ଯ୍ୟାସ୍ତ ପତ୍ରିକାର ଷୋଡଶ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ଗ୍ରାମାଂଚଳରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା ସୂର୍ଯ୍ୟାସ୍ତର ଷୋଡଶ ସ୍ୱନକ୍ଷତ୍ର ଉତ୍ସବ ଗତ ରବିବାର ଜାଜପୁରସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। କିସ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଉଦଘାଟକ ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି କହିଲେ ଯେ ପୂର୍ବରୁ ପ୍ରକାଶିତ କେତେକ ପୁସ୍ତକ ଏବେ ମଧ୍ୟ କାଳଜୟୀ ଓ ସ୍ମରଣୀୟ ହୋଇରହିଛି। ଯାଜପୁର ଲେଖକଙ୍କ କେତେକ ପୁସ୍ତକ ମଧ୍ୟ ସ୍ମରଣୀୟ ହୋଇରହିଛି। ଏବେ ଯେଉଁସବୁ ପୁସ୍ତକ ପ୍ରକାଶ ପାଉଛି ତାହ କେତେକାଳ ସ୍ମରଣୀୟ ହୋଇରହିବ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟ ବକ୍ତା ଭାବେ କବି ତଥା କଳିଙ୍ଗନଗର ଏଡିଏମ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ଯାଜପୁର ଜିଲ୍ଲାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଇଷ୍ଟ କୋଷ୍ଟ ରେଲୱେ ଜନ ସମ୍ପର୍କ ଅଧିକାରୀ ନିରାକାର ଦାସ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସୂର୍ଯ୍ୟାସ୍ତ ପତ୍ରିକା ଉନ୍ମୋଚିତ ହୋଇଥିଲା। ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ ପୁସ୍ତକ 'ଶାଶ୍ୱତ ଶାନ୍ତ', ସ୍ୱର୍ଣ୍ଣଲତା ଲେଙ୍କାଙ୍କ କବିତା ପୁସ୍ତକ 'ଦ୍ରୁମ ପାର୍ଣ୍ଣ', ନିନାଦିନୀ ମହାନ୍ତିଙ୍କ କବିତା ପୁସ୍ତକ ମାଟି ଆକାଶ ଓ କବିତାର ଲୁହ ଓ ଶଶି ଭୂଷଣ ଦ୍ୱାରିଙ୍କ କବିତା ପୁସ୍ତକ ସାବରୀ ଉନ୍ମୋଚିତ ହୋଇଥିଲା। ସୂର୍ଯ୍ୟାସ୍ତ ସମ୍ମାନରେ ମାଧୁରୀ ଶତପଥୀ, ଡ. ଚିତରଂଜନ ମହାନ୍ତି, ନାନାରାଣୀ ଜେନା, ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ, ସୁଶ୍ରୀ କଳ୍ପନା ଜେନା, ସ୍ୱର୍ଣ୍ଣଲତା ଜେନାଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଡା. ରମେଶ ଚନ୍ଦ୍ର ସାହୁ ସେବା ସମ୍ମାନରେ ଡା. ସୁମନ କଲ୍ୟାଣ ବେହେରା, ସରୋଜିନୀ ଶିକ୍ଷା ସମ୍ମାନରେ ନିନାଦିନୀ ମହାନ୍ତି, ବିକ୍ରମାଦିତ୍ୟ ଫାଉଣ୍ଡେସନ ସମ୍ମାନରେ ଅନିଲ ବଳଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଦତ୍ତ ମାନପତ୍ରଗୁଡ଼ିକୁ ସୁଶ୍ରୀ ରଶ୍ମିତା ସାହୁ ପାଠ କରିଥିଲେ। ମୁଖ୍ୟବକ୍ତା ଏଡିଏମ ଶ୍ରୀ ମିଶ୍ର ୫ଜଣ ଦିବ୍ୟାଙ୍ଗଙ୍କୁ କମଳ ବଂଟନ କରିଥିଲେ। ସଂପାଦକ ବିବେକାନନ୍ଦ ରାୟଙ୍କ ଦ୍ୱାରା ପ୍ରଫେସର ଡ. ଶତପଥୀଙ୍କୁ ବୀର କିଶୋର ପାଢି ପ୍ରବନ୍ଧ ସମ୍ମାନ, ସନ୍ତୋଷ କୁମାର ମିଶ୍ର ଓ ନିରାକାର ଦାସଙ୍କୁ ସୂର୍ଯ୍ୟାସ୍ତ ସମ୍ମାନ-୨୦୨୦ରେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ସ୍ତମ୍ଭକାର ନବଘନ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷା ମିନତୀ ସାହୁ ମଂଚ ପରିଚାଳନା କରିଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସ୍ୱାଗତ ଜଣାଇଥିଲେ। ସସ୍ମିତା ଦାଶ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସ୍ତମ୍ଭକାର ନବଘନ ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ହରେକୃଷ୍ଣ ପାତ୍ରଙ୍କୁ ନ୍ୟାୟ ଦାବିରେ ସିଭିଲ ସୋସାଇଟି ଫୋରମ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



କେନ୍ଦ୍ରାପଡ଼ା (ପିଏନ୍): ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ନ୍ୟାୟ ଦେବା ସହିତ ମହାକାଳପଡା ତହସିଲଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସିଭିଲ ସୋସାଇଟ୍ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସ୍ଥାନୀୟ ଗୌରୀଶଙ୍କର ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ମହାକାଳପଡା ତହସିଲ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତର ପ୍ରଭାକରପୁର ଗ୍ରାମର ସମାଜସେବୀ ହରେକୃଷ୍ଣ ପାତ୍ରଙ୍କ ଏକ ଜମିଜମା ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବା ସତ୍ୱେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ବ୍ୟକ୍ତି ମହାକାଳପଡା ତହସିଲଦାରଙ୍କ ପ୍ରରୋଚନାରେ ସଙ୍ଘବଦ୍ଧ ଭାବରେ ଶ୍ରୀ ପାତ୍ରଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିବା ସହିତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କାଟି ନେଇଥିବା ସମ୍ପର୍କରେ ଫୋରମର ଆବାହକ ପ୍ରତାପ ମହାନ୍ତି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଶ୍ରୀ ପାତ୍ର ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ କହିଥିଲେ। ସେ ଅଞ୍ଚଳର ନିର୍ଦ୍ଦିଷ୍ଟ ଶାସକ ଦଳର ନେତା ଦୁର୍ନୀତି, ଭ୍ରଷ୍ଟାଚାରରେ ଲିପ୍ତ ରହୁଥିବାରୁ ତାହାର ପ୍ରତିବାଦ କଲେ ସାମାଜିକ କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଆକ୍ରୋଶ ରଖି ହଇରାଣ କରିବା ସହ ସେମାନଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଥିଲେ ଶ୍ରୀ ମହାନ୍ତି। ଶ୍ରୀ ପାତ୍ରଙ୍କୁ ନ୍ୟାୟ ପ୍ରଦାନ ସହିତ ମହାକାଳପଡା ତହସିଲଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସିଭିଲ ସୋସାଇଟ୍ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଶ୍ରୀ ମହାନ୍ତି କହିଥିଲେ। ଏହି ଘଟଣାର ଘୋର ନିନ୍ଦା କରାଯିବା ସହ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ଫୋରମ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦିପ କୁମାର ମିଶ୍ର, ନିରଞ୍ଜନ ପରିଡା, ଦିପକ ଚୌଧୁରୀ, ସାଗର ଜେନା ଓ କେ. ବାଲାରାଜୁ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ଭବନରେ ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଂଗ୍ରେସ ଭବନ ପରିସରରେ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଦାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ତଥା ଜଗତସିଂହପୁର ପୌରପାଳିକାର ପୂର୍ବତନ ନଗରପାଳ ବିପ୍ଳବ ଚୌଧୁରୀ ପ୍ରମୁଖ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସଭା କଜଳାସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଜାତୀୟ କଂଗ୍ରେସ ଗଠନ ଓ ସେଥିରେ ଭାଗନେଇ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଭାରତବର୍ଷର ଜନଗଣଙ୍କୁ ସ୍ୱାଧୀନତାର ସ୍ୱାଦ ଚାଖିବାର ଆନନ୍ଦ ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ଦୃଷ୍ଟାନ୍ତ ଓ ଛୋଟ ଗଳ୍ପ ମାଧ୍ୟମରେ ଉପସ୍ଥିତ କର୍ମୀମାନଙ୍କୁ ଭାରତବର୍ଷର ଶାସନ ଓ କଂଗ୍ରେସର କାର୍ଯ୍ୟ ପ୍ରଣାଳୀ ଉପରେ ବିଷଦ ଭାବରେ ଆଲୋକପାତ କରି ବୁଝାଇଥିଲେ। ପୂର୍ବତନ ବିଧାୟକ ଶ୍ରୀ ବେହୁରା ସ୍ୱାଧୀନତା ସଂଗ୍ରାମ ବେଳର କାର୍ଯ୍ୟଧାରା ଓ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କର ଭାରତବର୍ଷକୁ ସୁଶାସନ ଦେବା ବିଷୟରେ ବକ୍ତବ୍ୟ ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଭ୍ରାଂଶୁ ଶେଖର ଲେଙ୍କା, ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପର୍ଯ୍ୟବେକ୍ଷକ ଶ୍ରୀ ଚୌଧୁରୀ, ପୂର୍ବତନ ପୌରାଧକ୍ଷ ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାଁ, ଧରଣୀଧର ସୁଆର, ପରଭେଜ ଅକ୍ତର, ସର୍ବେଶ୍ୱର ସେଠୀ, ସନ୍ଧ୍ୟାରାଣୀ ରାଉତ, ଅମୁଲ୍ୟ ପ୍ରଧାନ, ମଳୟ ଦାସ, ବିଜୟ ପଣ୍ଡା, ଉମେଶ ତ୍ରିପାଠୀ, ଚିତ୍ରସେନ ପରିଡା, କବିନ୍ଦ୍ର ସାମଲ, କୈଳାସ କର, କୁମାର ଚନ୍ଦ୍ର ବଳ, ସଂଗ୍ରାମ ପୃଷ୍ଟି, ହରେକୃଷ୍ଣ ନାୟକ, ଗୋପାଳକୃଷ୍ଣ ଜେନା, ନାରାୟଣ ପରିଡା, ରତିକାନ୍ତ ସାମଲ, ବୁଦ୍ଧୁ ପ୍ରସାଦ ଷଡଙ୍ଗି, ସଂଗ୍ରାମ କେଶରୀ ଜେନା, ଅଜିତ ମହାପାତ୍ର, ହାପି ବେହୁରା, ଅଜିତ ମହାନ୍ତି, ନିରଞ୍ଜନ ରାଉତ, ଜୟଦେବ ପରିଡା, ମୀର ମୁର୍ଶିଦ୍, କମଳାକାନ୍ତ ବେହେରା, ଜ୍ୟୋତିରଞ୍ଜନ ପରିଡା, ସମ୍ବିତ ଶ୍ରୀଚନ୍ଦନ, ଉମାଶଙ୍କର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ଆଲୋକ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଷ୍ଣୋ ଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା

**ମା'** ବୈଷ୍ଣୋ ଦେବୀଙ୍କ ବିଶ୍ୱପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ। ଏହି ପାହାଡ଼ ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ। ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ। ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରା ଯାଉଥିବା ଧାର୍ମିକ ତୀର୍ଥ ସ୍ଥଳ। ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋ ଦେବୀଙ୍କ ସ୍ୱଂୟ ତିନି ମୂର୍ତି ପୂଜା ପାଉଛନ୍ତି। ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ(ବାମ) ଓ ଦେବୀ ଲକ୍ଷ୍ମୀ(ମଧ୍ୟ) ପିଣ୍ଡି ଭାବରେ ବିରାଜିତା। ଏହି ତିନି ପିଣ୍ଡି ମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋ ଦେବୀ ମାତା କୁହାଯାଏ। ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ। ଏହି ପବିତ୍ର ଗୁମ୍ଫାର ଲମ୍ବ ୯୮ଫୁଟ। ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି। ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ ମାତାଙ୍କ ସହିତ ବିରାଜମାନ ଅଛନ୍ତି। ମାତାଙ୍କ ଭବନ କହିଲେ, ଯେଉଁଠି ମାତା ଭୈରବ ନାଥଙ୍କର ବଦ୍ଧ କରିଥିଲେ। ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା। ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ସେହି ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା। କଟରା ଠାରୁ ହିଁ ବୈଷ୍ଣୋ ଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ।



**ମନ୍ଦିରର ପୌରାଣିକ କାହାଣୀ:** ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି। ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାଙ୍କୁ ଧରିବା ପାଇଁ ଅଗ୍ରସର ହେଲେ। ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ। ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ। କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷାକରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହଞ୍ଚିଗଲେ। ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ। ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ। ହନୁମାନ ତାଙ୍କୁ ଜଗି ରହିଲେ।

ପୁଣି ଭୈରୋନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ। ଏହି ସମୟରେ ଜଣେ ସାଧୁ ଭୈରୋନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା। ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ!" ମାତ୍ର ଭୈରୋନାଥ ସାଧୁଙ୍କ କଥା ମାନିଲେ ନାହିଁ। ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରି ଗଲେ। ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ। ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ ଭୈରବନାଥକୁ ଦେଖିଥିଲେ। ଶେଷରେ ଗୁମ୍ଫାରୁ ବାହାରି କନ୍ୟା ଦେବୀଙ୍କ ରୂପ ଧାରଣ କଲେ ଓ ଭୈରବନାଥ ଫେରି ଯିବାର ସଙ୍କେତ ପାଇ ପୁଣି ଗୁମ୍ଫାକୁ ଚାଲିଗଲେ। କିନ୍ତୁ ଭୈରବନାଥ କିଛି ସମୟ ପରେ ପୁଣି ଗୁମ୍ଫାରେ ପ୍ରବେଶ କରିବାକୁ ଲାଗିଲା। ଏହା ଦେଖି ମାତାଙ୍କ ଗୁମ୍ଫା ଜଗିଥିବା ହନୁମାନ ଭୈରବନାଥ ସହ ଯୁଦ୍ଧ କରିବାକୁ ଆହ୍ୱାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ଯୁଦ୍ଧର ଶେଷ ନହେବା ଦେଖି ମାତା ବୈଷ୍ଣୋ ଦେବୀ ମହାକାଳୀ ରୂପ ଧାରଣ କରି ଭୈରବନାଥକୁ ବଧ କରିଦେଲେ।



ତେବେ କୁହାଯାଏ ଯେ, ଭୈରବନାଥ ନିଜ ମୃତ୍ୟୁ ପରେ ନିଜ ଭୁଲର ଅନୁଭବ କଲେ ଓ ସେ ମାତାଙ୍କ ଠାରୁ କ୍ଷମା ଭିକ୍ଷା କଲେ। ମାତା ବୈଷ୍ଣୋ ଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି। ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ!"

**ମନ୍ଦିରର କଥା:** ଉପରୋକ୍ତ କଥାକୁ ବୈଷ୍ଣୋ ଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖା ଯାଇପାରେ। ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା'ବୈଷ୍ଣୋ ଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ। ସେ ନିଃସନ୍ତାନ ଓ ଦରିଦ୍ର ଥିଲେ। ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ। କିଛି ଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ। ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତ ମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ। ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ, ତାହା ଠାରୁ ବହୁ ଅଧିକ ଭକ୍ତ ଥିଲେ।

ସେ ଭାବୁଥିଲେ ଯେ, ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ହେବ। ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ। ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା। ସେ ତାଙ୍କର ଝୁମ୍ପୁଡ଼ି ବାହାରେ ପୂଜାରେ ବସିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ଅତିଥି ମାନେ ପହଂଚିଗଲେ। ଆଶ୍ଚର୍ଯ୍ୟର କଥା ଯେ ସେହି ଛୋଟିଆ ଝୁମ୍ପୁଡ଼ିରେ ଅତିଥି ମାନେ ସହଜରେ ବସି ପାରିଲେ। ଶ୍ରୀଧର ନିଜର ଆଖି ଖୋଲିଲେ ଓ ଭାବିଲେ, 'ଏ ସମସ୍ତଙ୍କୁ ସନ୍ତୁଷ୍ଟ କିପରି କରିବି!...'ଏତିକିବେଳେ ଗୋଟିଏ ଛୋଟ ଝିଅ ଝୁମ୍ପୁଡ଼ି ଭିତରୁ ବାହାରି ଆସିବା ଦେଖାଗଲା। ସେ ଭଗବାନଙ୍କ କୃପାରୁ ହିଁ ଆସିଥିଲା। ସେ ନିଜେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ପରସିଲା। ସବୁକିଛି ସୁରୁଖୁରୁରେ ସଂପନ୍ନ ହେଲା। ଏବେ ଶ୍ରୀଧର ସେହି ଛୋଟ ଝିଅଟି ସଂପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ସେ ଆଉ କେଉଁଠି ଦେଖାଗଲା ନାହିଁ।



ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱଂୟ ବୈଷ୍ଣୋ ଦେବୀ ଥିଲେ। ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ। ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ। ଏହାର କିଛି ଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା। ସେବେ ଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ।



## କୋର ପଞ୍ଚାୟତରେ ଫସଲହାନୀର ପୁନଃତଦନ୍ତ ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଞ୍ଚାୟତର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ଯେ ଗତ ଲଘୁଚାପ ବର୍ଷା ଯୋଗୁଁ ତାଙ୍କ ପଞ୍ଚାୟତର ଶତକଡା ୮୦ ଭାଗ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ପାଚିଲା ଧାନ କ୍ଷେତ ପାଣିରେ ବୁଡିରହି ପଚିଷଢି ଯାଇଛି। ଯାହା ଅମଳ କରିବା ସମ୍ଭବ ନୁହେଁ। ସେହି ପଞ୍ଚାୟତର ଲୋକମାନେ କୃଷିଜୀବି ହୋଇଥିବାରୁ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଉତ୍ପାଦିତ ଫସଲରୁ ଗୁଜୁରାଣ ମେଣ୍ଟାଇବା ସହିତ ପିଲାଙ୍କ ପାଠପଢା, ଝିଅ ବିବାହ ଏବଂ ସ୍ୱାସ୍ଥ୍ୟ ସେବାରେ ଅର୍ଥ ବିନିଯୋଗ କରିଥାନ୍ତି। ଏହି ପଞ୍ଚାୟତର ୮୦ ଭାଗ ଫସଲ ନଷ୍ଟ ହୋଇଯାଇଥିଲେ ସୁଦ୍ଧା ତଦନ୍ତକାରୀ ଅଧିକାରୀ ଚାଷ କ୍ଷେତକୁ ନଯାଇ ସରଜମିନ ତଦନ୍ତ ନକରି ରାସ୍ତା ଉପରୁ ଫସଲ କିଆରୀକୁ ଦେଖିବା ସହ କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରାପଡା ତହସିଲରେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ତେଣୁ ତାଙ୍କ ପଞ୍ଚାୟତର ଫସଲ କ୍ଷୟକ୍ଷତିର ଆକଳନ ପାଇଁ ଦାୟିତ୍ୱପୂର୍ଣ୍ଣ ଅଧିକାରୀଙ୍କୁ ଫସଲ କ୍ଷୟକ୍ଷତିର ପୁନଃତଦନ୍ତ ପାଇଁ ପଠାଇବାକୁ ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହେଶ୍ୱର ନାୟକ, ଦୁଷ୍ମନ୍ତ କୁମାର ପରିଡା, ଜୟପ୍ରକାଶ ବରାଳ, ସୁଧାକର ବରାଳ, ପୁରୁଷୋତ୍ତମ ନାୟକ, ମଧୁସୁଦନ ଦାସ, ରଞ୍ଜନ କୁମାର ନାୟକ, ପ୍ରଭାତ କୁମାର ମହାନ୍ତି, ରତ୍ନାକର ସ୍ୱାଇଁ, ଭୀମସେନ ସ୍ୱାଇଁ ପ୍ରମୁଖ ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଧର୍ମଶାଳା ବ୍ଲକରେ ୬୧୦ ପରିବାରକୁ ସ୍ମାର୍ଟ ହେଲଥ କାର୍ଡ ବଂଟନ

ଧର୍ମଶାଳା (ପିଏନ୍): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଶୁଭାରମ୍ଭ ହୋଇଛି ସ୍ମାର୍ଟ କାର୍ଡ ବଂଟନ ପ୍ରକ୍ରିୟା। ଧର୍ମଶାଳା ବ୍ଲକର ୪ଟି ପଂଚାୟତରେ ବ୍ଲକ ଅଧ୍ୟକ୍ଷ ଯୋଗଦେଇ ୬୧୦ ପରିବାରକୁ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପୁରୁଣାବଉଳମାଳ, ମହିଶରା, କମାଗଡ ଓ ମଧୁପୁରଗଡ ପଂଚାୟତରେ ହିତାଧିକାରୀଙ୍କୁ ୫୬୧୦ ସ୍ମାର୍ଟ କାର୍ଡ ମଧ୍ୟରୁ ୬୧୦ଜଣଙ୍କୁ ବଂଟନ କରିଥିଲେ। ଏହି ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ଏବିଡିଓ ଅଶିତ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ସୁରେଖା ନାୟକ ଯୋଗ ଦେଇଥିଲେ। ସଂପୃକ୍ତ ପଂଚାୟତର ସରପଂଚ ସମିତି ସଭ୍ୟ ଓ ଡିଲରମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିଲେ। ପରେ ବ୍ଲକର ଆରୁହା, ହରିଦାସପୁର, କ୍ଷେତ୍ରପାଳ, କଂଟିଗଡିଆ, ନେଉଳପୁର ଓ ସୁନ୍ଦୁରିଆ ପଂଚାୟତରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି। ସେହିପରି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପଟୁଣିଆ, ଅରେଇକଣା, କଦମପାଳ, କୋଟପୁର, ଅରାବଳ, ମଙ୍ଗଳପୁର ପଂଚାୟତରେ ସ୍ମାର୍ଟ କାର୍ଡ ବଂଟନ କରିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ଧର୍ମଶାଳା ବାଣୀପୀଠରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠର ୭୪ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଶିକ୍ଷାନୁଷ୍ଠାନ ସହିତ ଶିକ୍ଷାର ମାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି ଯୋଗଦେଇ ବାଣୀପୀଠର ଇତିହାସ ସଂପର୍କରେ ଆଲୋକପାତ କରିବା ସହିତ ଶିକ୍ଷାନୁଷ୍ଠାନରେ ନୂତନ ଓ ପୁରାତନ ଏକ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ପ୍ରଭାତ କୁମାର ପଟ୍ଟନାୟକ, ମନୋଜ କୁମାର ମହାଁ ଓ ସତ୍ୟପ୍ରିୟା ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୁରାତନ ଛାତ୍ର ଜିତେନ୍ଦ୍ର କୁମାର କର, ଅବଧୂତ ରାଉତ, ଧ୍ରୁବ ଚରଣ ବିଶ୍ୱାଳ, ଧୋଇଧର ସାହୁ ଓ ଜଗବଂଧୁ ସାମଲଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରମଣି ଦାସ, ବଟକୃଷ୍ଣ ମହାରଣା, ଆନନ୍ଦ ରାଉତ, ବଟକୃଷ୍ଣ ମଲିକ, ଗୁରୁଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷା ସର୍ବାଧିକ ନମ୍ବର ରଖିଥିବା ଛାତ୍ର ସ୍ମୃତିରେଖା ଖଟୁଆଙ୍କୁ ବଟକୃଷ୍ଣ ମେମୋରିଆଲ ଓ ଛାତ୍ର ବିକାଶ କୁମାର ମାହାଳିକଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ରଙ୍କ ମେମୋରିଆଲ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସଂପାଦକ ଅଧ୍ୟାପକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦର ଉପସଭାପତି ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ବାସୁଦେବ ଶତପଥୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ଅମରେଶ ଦାଶ ଓ ଶୁଭଦାନନ୍ଦ ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଜଳଧର ସାହୁ, ନିଳମଣୀ ନାୟକ, ଆଦିକନ୍ଦ ସ୍ୱାଇଁ, ଅର୍ଜୁନ ପୃଷ୍ଟି, ବିବେକାନନ୍ଦ ନାୟକ, ସୁନାକର ସାହୁ, ଧରଣୀଧର ଦାଶ, ସନ୍ତୋଷ କୁମାର ତରାଇ, ବିକ୍ରମ କେଶରୀ ମହାନ୍ତି, ମହମ୍ମଦ ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସହ ସଂପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଂ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



**ଡାଲି ଜାତୀୟ ଫସଲ :**

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

**ଶୈବାଳର ଉପଯୋଗିତା :**

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଂ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଂ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଂ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ



ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଡାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।

**କ୍ଷାରଜଳ ଜାଲଘର ମାଛଚାଷର ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ,



କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।



୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




# ଓଡ଼ିଶାର ମଞ୍ଚ ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମଞ୍ଚନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମଞ୍ଚନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀର୍ତ୍ତି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏଣ୍ଟ କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନଷ୍ଟ ଓ ଅନ୍ୟଟି ହେଉଛି ଉତ୍ତର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉତ୍ତର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏଣ୍ଟର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉତ୍ତର ଜୋନକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପଞ୍ଚାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପଞ୍ଚାୟତଗୁଡ଼ିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପଞ୍ଚାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପଞ୍ଚାୟତର ଲୋକମାନେ ଉପକୃତ ହୋଇପାରିବେ।

# ସ୍କାଉଟସ୍ ଗାଇଡସ୍‌ର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୩୦.୦୭.୨୦୨୨ରିଖ ଅପରାହ୍ନ ୩ଘଟିକା ସମୟରେ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustanable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

## କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବାର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ରମା ଏକାଦଶୀ ମହାତ୍ମ୍ୟ

କାର୍ତ୍ତିକ ମାସ କୃଷ୍ଣପକ୍ଷ ଏକାଦଶୀର ନାମ ରମା ଏକାଦଶୀ । ଏହି ଏକାଦଶୀର ମହାତ୍ମ୍ୟ ବୁଝାଇ ଭଗବାନ ବିଷ୍ଣୁ ଯୁଧିଷ୍ଠିରଙ୍କୁ କୁହନ୍ତି ଯେ ମୁଚକୁନ୍ଦ ନାମକ ଜଣେ ରାଜା ସତ୍ୟବାଦୀ ତଥା ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ତାଙ୍କ କନ୍ୟାର ନାମ ଚନ୍ଦ୍ରଭାଗା ଥିଲା। ତାଙ୍କର ବିବାହ ରାଜକୁମାର ଶୋଭନଙ୍କ ସହିତ ହୋଇଥିଲା। ଶୋଭନ ବହୁତ ଦୁର୍ବଳ ଥିଲେ ଅଥଚ ଶ୍ରଦ୍ଧା ଓ ମାନସିକ ଶକ୍ତିରେ ସେ ଖୁବ୍ ଶକ୍ତିଶାଳୀ ଥିଲେ। ଏକଦା ସେ ଶ୍ୱଶୁର ଘରକୁ ଯାଇଥିଲେ। ଠିକ୍ ସେତିକି ବେଳେ ରମା ଏକାଦଶୀ ପଡିଲା । ରାଜା ମୁଚୁକୁନ୍ଦ ରାଜ୍ୟରେ ଢ଼େଙ୍ଗୁରା ଦେଲେ ଯେ ସମସ୍ତ ପ୍ରଜାକୂଳ ଏହି ଏକାଦଶୀ ପାଳନ କରିବାକୁ ବାଧ୍ୟ। ତା'ବି ଘୋଷଣା କଲେ ଯେ ଏମିତିକି ହାତୀ, ଘୋଡା , ଓଟ ଏବଂ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ଖାଇବାକୁ ଦିଆଯିବ ନାହିଁ । ସେମାନେ ବି ଉପବାସ କରିବେ । ଏକଥା ଶୁଣି ଶୋଭନ ନିଜ ସ୍ତ୍ରୀକୁ କହିଲେ: ମୋର ଶରୀରର ଅବସ୍ଥା ଯାହା ଉପବାସ କରିବିତ ବଂଚି ପାରିବି ନାହିଁ । ଏବେ କୁହ କ'ଣ କରାଯିବ ? ଏଥିକୁ ତାଙ୍କ ସ୍ତ୍ରୀ କହିଲେ ଯେ ଯଦି ଉପବାସ କରିବାର ଦୈହିକ ଶକ୍ତି ନାହିଁ, ତେବେ ଏଠାରୁ ତୁମେ ଅନ୍ୟ ସ୍ଥାନ ଚାଲିଯାଅ। ଉତ୍ତରରେ ସେ ଚନ୍ଦ୍ରଭାଗାଙ୍କୁ କହିଲେ : ମାନୁଛି ଯେ ଉପବାସ ପାଇଁ ମୋ'ଠାରେ ଶାରୀରିକ ଶକ୍ତି ଦୁର୍ବଳ ହେଲେ ହେଁ, ମୋ' ମନ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତି ଏଥିପାଇଁ ବହୁ ପ୍ରବଳ । ଏଣୁ ମୁଁ ପ୍ରତିଶ୍ରୁତିବଦ୍ଧ ଯେ ମୋ' ଶରୀରରୁ ଘଟ ପଛେ ତୁଟି ଯାଉ ମୁଁ ବ୍ରତ ଭାଙ୍ଗିବି ନାହିଁ । ଏଣୁ ସେ ରମା ଏକାଦଶୀ ବ୍ରତ କଲେ। ଭୋକ ଓ ଶୋଷ କାରଣରୁ ସତରେ ତାଙ୍କର ପ୍ରାଣବାୟୁ ଉଡିଗଲା ଅଥଚ ବ୍ରତର ପ୍ରଭାବରେ ଇନ୍ଦ୍ରାଂଚଳ ପର୍ବତ ଉପରେ ଥିବା ରତ୍ନ ଜଟିତ ଉତ୍ତମ ନଗର ତାଙ୍କୁ ପ୍ରାପ୍ତ ହେଲା। ଏଠାରେ ସେ ଇନ୍ଦ୍ରଙ୍କ ସୁଲାଭ ଆନନ୍ଦ ପାଇଲେ। ଗନ୍ଧର୍ବ ଓ ଅପ୍ସରାମାନେ ତାଙ୍କର ସେବା ଏବଂ ସ୍ତୁତିଗାନ କଲେ। ଏକଦା ମୁଚକୁନ୍ଦ ନଗରୀର ଜଣେ ବ୍ରାହ୍ମଣ ସୌମ୍ୟ ଶର୍ମା ତୀର୍ଥ ବାହାରି ସେଠାରେ ପହଂଚିଲେ। ତାଙ୍କର ଶୋଭନଙ୍କ ସହିତ ପରିଚିତ ହେଲା ଏବଂ ସେ ସେହି ସ୍ଥାନ କିପରି ପାଇଲେ ବୋଲି ପଚାରିଲେ। ଶୋଭନ କହିଲେ ଯେ ଏସବୁ ରମା ଏକାଦଶୀ ପାଳନର ଫଳ। ମୋ' ଜନ୍ମର ସମସ୍ତ ପାପର ବିନାଶ ଘଟିଛି ଏବଂ ମୋତେ ଏ ଅନୁପମ ନଗର ଓ ଦେବ ସୁଖ ମିଳିଛି। ତେବେ ଏ ନଗର ମୋ' ପାଇଁ ଅଧ୍ରୁବ। କେବଳ ଧ୍ରୁବ ମୋ ପତ୍ନୀ ଯୋଗୁଁ ସମ୍ଭବ ହୋଇପାରେ। ତୁମେ ଏ ବାର୍ତ୍ତା ତାଙ୍କୁ ଦେବ ? ବ୍ରାହ୍ମଣ ଏ ବାର୍ତ୍ତା ଚନ୍ଦ୍ରଭାଗାଙ୍କୁ ଦେଲେ। ଏବେ ଚନ୍ଦ୍ରଭାଗା ମନ୍ଦ୍ରାଂଚଳ ପର୍ବତରେ ଥିବା ମୁନି ବାମଦେବଙ୍କ ଆଶ୍ରମରେ ପହଂଚିଲେ। ସେ ତାଙ୍କ ସ୍ୱାମୀଙ୍କ ସହିତ କିପରି ମିଶିବେ ତା'ର ଉପାୟ ଆତ୍ମଭିକ୍ଷା କଲେ। ମୁନି ତାଙ୍କୁ ମନ୍ତ୍ରଦ୍ୱାରା ଅଭିଷେକ କଲେ। ସେ ଘଟ ଛାଡିଲେ ଏବଂ ଦିବ୍ୟ ଶରୀର ଧରି ସ୍ୱାମୀଙ୍କ ପାଖେ ପହଂଚିଲେ। ଶୋଭନଙ୍କ ଅଧ୍ରୁବ ଅନୁପମ ନଗର, ଏବେ ଧ୍ରୁବରେ ପରିଣତ ହେଲା। ସେମାନେ ଏବେ ରମା ଏକାଦଶୀ ପାଳନ ପୂର୍ବକ ନିଶ୍ଚିତ ଏବଂ ଜୀବନ ଯାପନ କଲେ। କାହାଣୀ ନିଶ୍ଚୟ ମଧୁର। କୁହାଯାଏ ଯେ କାହାଣୀ ଶୁଣିଲାବାଲାର ବି ବିଷ୍ଣୁଲୋକ ପ୍ରାପ୍ତି ହୁଏ। ମନ ଜିଣି ଉପବାସ ପାଇଁ ସ୍ୱାସ୍ଥ୍ୟାର୍ଥେ ପ୍ରବର୍ତ୍ତାଇବାର ଏହା ଏକ ବିଳିଷ୍ଟ ମାଧ୍ୟମ।

# ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ । ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବ । ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ । ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ୱା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି । ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହଞ୍ଚି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା । ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା । ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା । ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟାମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ । ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା । ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଡିଓ ବିଚିତ୍ରାନନ୍ଦ କରଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି । ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଯୁବମାରଣ ନୀତି ବିରୋଧରେ ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା




ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ଼ଃ ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ୨୯ ତାରିଖ ଶୁକ୍ରବାର ମାଲକାନଗିରିଠାରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା। ଶନିବାର ଏହି ପଦଯାତ୍ରା କୋରାପୁଟର ଜୟପୁରଠାରେ ପହଂଚିଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଦେଶର ତଥା ରାଜ୍ୟର ଯୁବପିଢ଼ୀମାନଙ୍କୁ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ଯୁବମାରଣ ନୀତି ବିରୋଧରେ ସଚେତନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପଦଯାତ୍ରା। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାତ୍ରା କରି ଯୁବ ପିଢ଼ୀମାନଙ୍କୁ ସଚେତନ କରିବା ସହ କଂଗ୍ରେସ ଦଳର ବିଚାରଧାରାକୁ ଯୁବପିଢ଼ୀଙ୍କ ନିକଟରେ ପହଂଚାଇବା ପାଇଁ 'ୟୁଥ୍ ଯୋଡୋ, ବୁଥ୍ ଯୋଡୋ' କାର୍ଯ୍ୟକ୍ରମକୁ ମଧ୍ୟ ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବପିଢ଼ୀଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ, ସେ ସମ୍ପର୍କରେ ଜନଜାଗରଣ ମଧ୍ୟ ରାଜ୍ୟବ୍ୟାପୀ କରାଯିବ ବୋଲି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଂଜନ ଲେଙ୍କା ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଯୁବପିଢ଼ିମାନଙ୍କୁ ପ୍ରତାରିତ କରିଛି। ରାଜ୍ୟରେ ୨୨ ବର୍ଷର ବିଜୁ ଜନତା ଦଳର ସରକାର ସମୟରେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଚୁକ୍ତିଭିତିକ ନିଯୁକ୍ତି ଦେଇ ଠିକା ଶ୍ରମିକ ଭାବେ ନିୟୋଜିତ କରୁଛି। ଏ ସବୁକୁ ଦୃଢ଼ ଭାବେ ନିନ୍ଦା କରିବା ସହ ତୁରନ୍ତ ଚୁକ୍ତିଭିତିକ ନିଯୁକ୍ତି ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି ଜଣାଇଛି ଯୁବ କଂଗ୍ରେସ। ଏହାବ୍ୟତୀତ ରାଜ୍ୟରେ ସରକାରୀ ନିଯୁକ୍ତି ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରି ସମ୍ପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ରାଜ୍ୟ କଂଗ୍ରେସ ପୁଣି ଥରେ ନିଜର ସତାକୁ ଫେରିବା ଲକ୍ଷ୍ୟ ରଖି ଆରମ୍ଭ କରିଥିବା ମିଶନ ୯ରୁ ୯୦କୁ ସଫଳ କରିବା ପାଇଁ ଯୁବ କଂଗ୍ରେସ ଏହି ମିଶନ୍‌ର ସାରଥି ହେବ ବୋଲି ଡଃ ଲେଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡିର ଏକଛତ୍ରବାଦ ଶାସନର ଅନ୍ତ କରିବା ପାଇଁ ଯୁବପିଢ଼ୀମାନଙ୍କୁ ଏବେଠାରୁ ସଜାଗ କରୁଛି ଯୁବ କଂଗ୍ରେସ। ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ପରିବର୍ତନ ଲକ୍ଷ୍ୟରେ ହୋଇଥିବା ଏହି ପଦଯାତ୍ରାରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତଙ୍କ ସହ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନରଂଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ରମେଶ ଖରା ଓ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

**ADMISSION ON**
**MAHARISHI PUBLIC SCHOOL**
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ

ପର୍ଯ୍ୟବେକ୍ଷକ

Bhubaneswar Saturday October 19 | ଭୁବନେଶ୍ୱର ଶନିବାର, ଅକ୍ଟୋବର ୧୯,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଜନସାଧାରଣଙ୍କର ସେବା କରିବା ଅଧିକାରୀମାନଙ୍କର ପରମ କର୍ତ୍ତବ୍ୟ : ରାଜ୍ୟପାଳ



ଭୁବନେଶ୍ୱର,(ପି.ଏନ): ଲୋକସେବକ ଭାବେ ଜନସାଧାରଣଙ୍କର ସେବା କରିବା ହେଉଛି ଅଧିକାରୀମାନଙ୍କର ପରମ କର୍ତ୍ତବ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଚଳିତ ଅକ୍ଟୋବର ୧୮ ତାରିଖ ଶୁକ୍ରବାର ଦିନ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନ୍‌ର ୩୯ଜଣ ଓଡିଶା ପ୍ରଶାସନିକ ସେବାର ଶିକ୍ଷାନବୀଶ ରାଜଭବନଠାରେ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତବେଳେ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ ଉଦ୍‌ବୋଧନଛଳରେ କହିଥିଲେ ଯେ, ରାଜ୍ୟର ବିକାଶ ଓ ଶାସନ କ୍ଷେତ୍ରରେ ଓ.ଏ.ଏସ୍ ଅଧିକାରୀମାନଙ୍କର ଯୋଗଦାନର ସମୃଦ୍ଧ ଇତିହାସ ରହିଛି। ଓଡିଶାର ଭବିଷ୍ୟତକୁ ଆଗକୁ ନେବାରେ ଉକ୍ତ କ୍ୟାଡରର ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣଙ୍କର ଆଶା ଆକାଂକ୍ଷା ପୂରଣ କରିବାରେ ଅଧିକାରୀଙ୍କ ନିଷ୍ଠା ରହିବା ଦରକାର। ବିକାଶ ପାଇଁ ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସେତୁ ଭାବେ ଭାବନାତ୍ମକଭାବେ ଯୋଡ଼ି ହୋଇ ରହିବା ଏକାନ୍ତ ଆବଶ୍ୟକ। ରାଜ୍ୟ ହିତରେ ତଥା ଦେଶର ଏକତା ଓ ଅଖଣ୍ଡତାକୁ ମଜବୁତ୍ କରିବା ଏବଂ ସମ୍ବିଧାନର ଭାବନାକୁ ଉଜ୍ଜିବିତ କରିବା ପାଇଁ ସକରାତ୍ମକ ମନୋଭାବ ନେଇ କାମ କରିବା ଆବଶ୍ୟକ। ରାଜ୍ୟ ସରକାରଙ୍କ ନୀତି ନିୟମ ଯୋଜନା ଏବଂ ଲୋକ କଲ୍ୟାଣ କାର୍ଯ୍ୟକ୍ରମକୁ କିପରି ତୃଣମୂଳସ୍ତରରେ ଜନସାଧାରଣଙ୍କ ନିକଟରେ ପହଂଚା ଯାଇପାରିବ ସେ ଦିଗରେ ଯତ୍ନବାନ ହୋଇ କାମ କରିବାକୁ ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ୨୦୩୬ ମସିହା ବେଳକୁ ବିକଶିତ ଓଡିଶା ଗଠନ ପରପ୍ରେକ୍ଷୀରେ ପ୍ରଶାସନିକ ଅଧିକାରୀମାନଙ୍କର ଭୂମିକା ମହତ୍ୱପୂର୍ଣ୍ଣ ହୋଇଛି ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ ଶିକ୍ଷାନବୀଶମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ଏହି କାର୍ଯ୍ୟକ୍ରମରେ ଦିଗ୍‌ଦର୍ଶନ ଦେଇଥିଲେ। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନ୍‌ର ଆଡ୍‌ସିନାଲ୍ କମିଶନର ଶିବ ନରାୟଣ ସାହୁ ଓ ଡେପୁଟି ଡିରେକ୍ଟର ଲାଲା ମନୋଜ କୁମାର ରାୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆନନ୍ଦମ ଫାଉଣ୍ଡେସନ, ହେମଗିର ଶାଖା ଦ୍ୱାରା ବିଶ୍ୱଶାନ୍ତି ହୋମଯଜ୍ଞ ଆୟୋଜିତ

ହେମଗିର,(ପି.ଏନ): ପବିତ୍ର କୁମାର ପୂର୍ଣ୍ଣିମାର ଶୁଭ ଅବସରରେ ଆନନ୍ଦମ ଫାଉଣ୍ଡେସନ ହେମଗିର ଶାଖା ଦ୍ୱାରା ହେମଗିର ବ୍ଲକ ଅନ୍ତର୍ଗତ ତୁମୁଲିଆଠାରେ ଏକ 'ବିଶ୍ୱଶାନ୍ତି ହୋମଯଜ୍ଞ' ଆୟୋଜନ ହୋଇଥିଲା। ଏହା ବୈଦିକ ମନ୍ତ୍ର ଏବଂ ଭଜନ କୀର୍ତ୍ତନ ମାଧ୍ୟମରେ ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇଥିଲା । ପୁରୋହିତ ଭାବରେ ଶ୍ରୀ ଅଶୋକ ଭୋଇ ଏବଂ ଶ୍ରୀ ମନୋଜ ଭୋଇ (ଗାୟତ୍ରୀ ପରିବାର, ଲଖନପୁର, ଝାରସୁଗୁଡା) ଯଜ୍ଞ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀ ନିଳାଞ୍ଚଳ ବିହାରୀ ନାୟକ ଏବଂ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ କାଞ୍ଚନ ନାୟକ ଯଜ୍ଞ କର୍ତ୍ତାର ଦାଇତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ତୁମୁଲିଆ ଏବଂ ଆଖପାଖ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ହୃଦୟ ସହିତ ଅଂଶଗ୍ରହଣ କରିଥିଲେ । ଏହା ପୂର୍ବାହ୍ନ ୩ ଘଟିକା ସମୟରେ ପୂର୍ଣ୍ଣାହୁତି ଏବଂ ପ୍ରସାଦ ସହିତ ସମାପ୍ତ ହୋଇଥିଲା । ଆନନ୍ଦମ ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀ ଶିଶିର କୁମାର ଚୌଧୁରୀ ସଂଗଠନର ଉଦ୍ଦେଶ୍ୟ ଏବଂ ଗତିବିଧି ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଶ୍ରୀ ମନୋଜ ଦାସ (ସାଧାରଣ ସମ୍ପାଦକ, ସମେତ ସମୁଦାୟ ୬୪ ଜଣ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରଥମ ପ୍ରସ୍ତୁତି ବୈଠକ




ପାରାଦୀପ,(ପି.ଏନ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା - ୨୦୨୪ ର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ପାରାଦୀପ ବନ୍ଦର ଅଫିସର୍ସ କ୍ଲବ ପରିସରରେ ସୋମବାର ଅପରାହ୍ନ ରେ ଆୟୋଜିତ ହୋଇଯାଇଛି କ୍ଷ ଜଗତସିଂହପୁର ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟି ର ଅଧ୍ୟକ୍ଷ ଜେ.ସୋନାଲ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ନଭେମ୍ବର ମାସ ୧୪ ରୁ ୨୦ ତାରିଖ ସାତଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା କଳିଙ୍ଗ ବାଲିଯାତ୍ରା କୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ କ୍ଷ ସେହିପରି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ପିଡି ଡିଆରଡିଏ ଆର.ଏନ.ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମହୋତ୍ସବର ସଫଳତା ସମ୍ପର୍କରେ ନିଜର ମତାମତ ଉପସ୍ଥାପନା କରି ଆସନ୍ତା ବାଲିଯାତ୍ରା କୁ ସରସ, ସୁନ୍ଦର ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ଉପରେ ଆଲୋଚ଼ନା କରିଥିଲେ । ଏଥିରେ ବାଲିଯାତ୍ରା କମିଟିର ବହୁ ସଦସ୍ୟ ଓ ସଦସ୍ୟାଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ପାରାଦୀପ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଏଏମଏନଏସ ଇଣ୍ଡିଆ ଅଧିକାରୀ ସୁରେଶା ଜି, ଏସି କମର୍ସିଆଲ କମ୍ପାନୀ ପାରାଦୀପ ଶାଖା ଅଧିକାରୀ ଏ.ସି. ସୁତାର,ପାରାଦୀପ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନ ଓ ପ୍ରତାପ ନାୟକ, ବିଜେପି ନେତା ଗୌତମ ନାୟକ, ବୁଦ୍ଧିଜୀବୀ ଭଗବାନ ସାହୁ, କୈଳାଶ ମହାରଣା, ମାୟାଧର ରାଉତ, ସବିତା ମହାପାତ୍ର ଙ୍କ ସମେତ ବହୁ ଶିଳ୍ପାନୁଷ୍ଠାନ ର ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା କ୍ଷ ଏହି ଆଲୋଚ଼ନା ରେ କମିଟି ର ସମ୍ପ୍ରସାରଣ, ମୁଖ୍ୟ ଯାତାୟତ ରାସ୍ତା ମାନଙ୍କର ମରାମତି, ଟ୍ରାଫିକ ନିୟନ୍ତ୍ରଣ, ନୌଚ଼ାଳନା ଓ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା, ବିଜ୍ଞ ବକ୍ତା ମାନଙ୍କ ଦ୍ୱାରା ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚ଼ନା କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା କ୍ଷ ପ୍ରାରମ୍ଭରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଅତିଥି ପରିଚ଼ୟ ଓ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚ଼ନା ପ୍ରଦାନ କରିଥିବା ବେଳେ ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ

## ସାରସ୍ୱତ ପରିଷଦ ପକ୍ଷରୁ "ଆସ ଭେଟିବା ଆମ ପିଲାଙ୍କୁ କାର୍ଯ୍ୟକ୍ରମ"



ଜଗତସିଂହପୁର ,(ପି.ଏନ): ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ "ଆସ ଭେଟିବା ଆମ ପିଲାଙ୍କୁ" ସ୍ଥାନୀୟ ଶାମାଛକ ସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ, ଅରୁନ୍ଧତି ଶତପଥୀ, ଇପ୍ସିତା ପ୍ରିୟଦର୍ଶନୀ ସ୍ୱାଇଁ, ପ୍ରତିଯୋଗିତା ପରିଚ୍ଛଳନାରେ ସହାୟତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆର୍ଯ୍ୟ ଓ ଅନୁଷ୍ଠାନର ପ୍ରଧାନ ଆର୍ଯ୍ୟ ଚୈତନ୍ୟ ଚରଣ ସ୍ୱାଇଁ କହିଥିଲେ ଯେ କୌଣସି କଥାକୁ ମନେ ରଖିବା ଭାରି କଷ୍ଟ, କିନ୍ତୁ ଭୁଲିଯିବା ଭାରି ସହଜ। ନିରନ୍ତର ଅଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀମାନେ ଅଜଣା କଥାକୁ ଜାଣିପାରିବେ ବୋଲି ମତ ଦେଇଥିଲେ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଶତାୟୁ ନବକିଶୋର, ଶୁଭାୟୁ ଦାମୋଦର, ଦେବାଶିଷ ସାହୁ, ସୁଶ୍ରୀରେଖା ନାୟକ, ବିଶ୍ୱଜିତା ସ୍ୱାଇଁ ଓ ଶୁଭସ୍ମିତା ଜେନାଙ୍କୁ ପରିଷଦ ତରଫରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା। ଶେଷରେ ରବୀନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଗଜଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ଉତ୍ତର ବିଧାୟକ

ଭୁବନେଶ୍ୱର,(ପି.ଏନ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଉତ୍ତର ନିର୍ବାଚନୀ ମଣ୍ଡଳୀର ବିଭିନ୍ନ ପୂଜା ମଣ୍ଡପ ବୁଲିଛନ୍ତି ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ। ଆଜି ୮ ଓ ୧୪ ନମ୍ବର ୱାର୍ଡର ହାଉସିଂବୋର୍ଡ କଲୋନୀ , ନୀଳାଦ୍ରି ବିହାରର ବିଭିନ୍ନ ପୂଜା ମଣ୍ଡପ ବୁଲି ମାଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଗ୍ରହଣ କରିଥିଲେ। ନୀଳାଦ୍ରି ବିହାର ସେକ୍ଟର ୧ ଏଟିଏମ ଛକ ସ୍ଥିତ ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜାରେ ବିଧାୟକ ପହଞ୍ଚିବା ପରେ ପୂଜା କମିଟିର କର୍ମକର୍ତ୍ତାମାନେ ବିଧାୟକଙ୍କୁ ବିରାଟ ପଟୁଆରରେ ପାଛୋଟି ନେଇଥିଲେ। ସଂଘ ତରଫରୁ ମାନ୍ୟବର ବିଧାୟକ ଓ ଯୁବନେତା ମନୋଜ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ତାରକ ମହାନ୍ତି, ସମ୍ପାଦକ ତାପସ ସାହୁ, ସଂଯୋଜକ ସୁଶାନ୍ତ ନାୟକ, କୋଷାଧକ୍ଷ ସୁଶାନ୍ତ ଲେଙ୍କା, ବରିଷ୍ଠ ନାଗରିକ ବଂଶୀଧର ସେଠୀଙ୍କ ସମେତ ବଜାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଟ୍ରେନରେ ଆତସବାଜି ଓ ଫଟକା ପରିବହନ କରିବା ବିରୁଦ୍ଧରେ ପୂର୍ବତଟ ରେଳପଥର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,(ପି.ଏନ): ଦୀପାବଳି ପର୍ବ ପାଖେଇ ଆସୁଥିବାରୁ ପୂର୍ବତଟ ରେଳପଥ ଟ୍ରେନରେ ଦହନଶୀଳ ଆତସବାଜି ଏବଂ ଅନ୍ୟାନ୍ୟ ଜ୍ୱଳନ୍ତ ଜିନିଷର ବେଆଇନ ପରିବହନ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ୟମକୁ ଜୋରଦାର କରିଛି । ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଅଛି ଯେ ଯାତ୍ରୀ ପରିବହନ କରୁଥିବା ଟ୍ରେନରେ ଆତସବାଜି ବା ଫଟକା, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଏବଂ ଦହନଶୀଳ ସାମଗ୍ରୀ ପରିବହନ କରିବା ରେଳବାଇ ଅଧିନିୟମ, ୧୯୮୯ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ, ଯାହାଫଳରେ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ।ଟ୍ରେନ୍ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ଏହି ଅଭିଯାନରେ, ବିଶେଷ ଭାବେ ପାର୍ବଣ ଋତୁରେ ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ଏବଂ ସେମାନଙ୍କ ଯାତ୍ରା ସମୟରେ କୌଣସି ଜ୍ୱଳନ୍ତ କିମ୍ବା ବିସ୍ଫୋରକ ସାମଗ୍ରୀ ଟ୍ରେନ ଯାତ୍ରା ସମୟରେ ନନେବାକୁ ନିବେଦନ କରିଛି । ସହ-ଯାତ୍ରୀମାନେ ମଧ୍ୟ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଅଛି ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚ଼ାରୀ, ସରକାରୀ ରେଳ ପୋଲିସ (ଏଜଚ), ଟିଟିଇ, କୋଚ଼ ସେବକ କିମ୍ବା ଷ୍ଟେସନ ପରିଚ଼ାଳକଙ୍କ ସମେତ ଅନବୋର୍ଡ କର୍ମଚ଼ାରୀଙ୍କୁ ଏହି ନିୟମ ଉଲଂଘନ କରୁଥିବା ବ୍ୟକ୍ତି ମାନଙ୍କ ସମ୍ବନ୍ଧରେ ସୂଚ଼ନା ଦେବାପାଇଁ କୁହାଯାଇଅଛି ।ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଅନ୍ତର୍ଗତ ସମସ୍ତ ତିନୋଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟିୟର କୁ ଏହି ସ୍ୱତନ୍ତ୍ର ନିରାପତ୍ତା/ ସୁରକ୍ଷା ଅଭିଯାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦୀପାବଳି ସମୟରେ ଯାତ୍ରୀବାହୀ ଏବଂ ମେଲ / ଏକ୍ସପ୍ରେସ ଟ୍ରେନରେ ଦହନଶୀଳ ଫଟକା କିମ୍ବା ଅନ୍ୟାନ୍ୟ ବିପଜ୍ଜନକ ସାମଗ୍ରୀ ପରିବହନକୁ ବାରଣକରିବା ପାଇଁ ଏହି ଅଭିଯାନ ସମୟରେ କଡା ଯାଞ୍ଚ ଏବଂ ନିରନ୍ତର ନଜର ରଖାଯିବ । ସୂଚ଼ନା ଦିଅନ୍ତୁ ଏବଂ ନିରାପଦରେ ରୁହନ୍ତୁ: ରେଳବାଇ ହେଲ୍ପ ଲାଇନ ନମ୍ବର ୧୩୯ କୁ କଲ କରି ଜ୍ୱଳନ୍ତ ଜିନିଷ ବହନ କରୁଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ତୁରନ୍ତ ରିପୋର୍ଟ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି । ଏହି ଯାଞ୍ଚଗୁଡିକ ଆରପିଏଫ୍, ଏଜଚ, ଷ୍ଟେସନ କର୍ମଚ଼ାରୀ ଓ ଅଧିକାରୀ ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ କରାଯିବ ।ଏହି ସୁରକ୍ଷା ବ୍ୟବସ୍ଥା ସହିତ, ପୂର୍ବତଟ ରେଳପଥ ରେଳ ଷ୍ଟେସନ ମାନଙ୍କରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛି ଯାହାଦ୍ୱାରା ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନତା ମଧ୍ୟ କରାଯାଉଅଛି । ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜ୍ ଗୁଡିକର ନିରାପଦ ପରିଚ଼ାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି ।ନିରାପତ୍ତାକୁ ବୃଦ୍ଧି କରାଇବା ପାଇଁ ଟ୍ରେନ୍ ଏସକର୍ଟିଙ୍ଗ୍ ଟିମ୍ ଏବଂ ମେରୀ ସହେଲି ଦଳକୁ ଉଭୟ ଯାତ୍ରୀବାହୀ ଟ୍ରେନ ଏବଂ ଲଗେଜ୍ ଉପରେ କଡା ନଜର ରଖିବା ଦାୟିତ୍ୱ ଦିଆଯାଇଛି । ଅଧିକନ୍ତୁ, ଷ୍ଟେସନ, ସାମଗ୍ରୀ ସେଡ୍, ଗାର୍ଡ ଭ୍ୟାନ୍, ଏସି କୋଚ଼୍, ପାନ୍ଟ୍ରି କାର୍ ଏବଂ ଲୋକୋମୋଟିଭରେ ପର୍ଯ୍ୟାପ୍ତ ପରିମାଣର ଅଗ୍ନି ନିର୍ବାପକ କୌଶଳକ୍ରମେ ରଖାଯାଇଛି ।ପୂର୍ବତଟ ରେଳପଥ ପାର୍ବଣ ସମୟରେ ସମସ୍ତ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରି ସମସ୍ତଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛି ।ଅଧିକ ସୂଚ଼ନା ପାଇଁ କିମ୍ବା କୌଣସି ଘଟଣାର ରିପୋର୍ଟ କରିବାକୁ ରେଳବାଇ ହେଲ୍ପ ଲାଇନ ନମ୍ବର ୧୩୯ କୁ କଲ କରିବାକୁ ନିବେଦନ କରାଯାଇଅଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE



- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray